ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 28-10-2025

ଗଜପତି(ଓଡିଶା) - :2025-10-28 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2025-10-29 | 2025-10-30 | 2025-10-31 | 2025-11-01 | 2025-11-02 |
|---|---|---|---|---|---|
| ବର୍ଷା (ମିମି) | 80.0 | 65.0 | 20.0 | 10.0 | 7.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 29.0 | 29.0 | 30.0 | 30.0 | 31.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 23.0 | 21.0 | 20.0 | 20.0 | 21.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 92 | 97 | 97 | 97 | 95 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 79 | 79 | 78 | 68 | 64 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 11 | 6 | 2 | 2 | 4 |
| ପବନର ଦିଗ (ଡିଗ୍ରୀ) | 360 | 162 | 225 | 309 | 315 |
| ମେଘାଚ୍ଛନ (ଅକ୍ଟା) | 8 | 7 | 6 | 5 | 4 |
| ସତର୍କବାଣୀ | ଅତ୍ୟଧିକ ଭାରି ବର୍ଷା; ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ଭାରି ବର୍ଷା; ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ଭାରତ ପାଣିପାଗ ବିଭାଗରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ଶନିବାର ଦିନ ପର୍ଯ୍ୟନ୍ତ ହାଲୁକା ରୁ ପ୍ରବଳ ବର୍ଷା ହେବା ସହିତ ଆକାଶ ଆଂଶିକ ମେଘୁଆ ରୁ ସମ୍ପୂର୍ଣ୍ଣ ମେଘାଚ୍ଛନ୍ନ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୦୨.୦ ରୁ ୧୧.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୯.୦° ସେଲସିୟସ ରୁ ୩୧.୦° ସେଲସିୟସ ଏବଂ ୨୦.୦° ସେଲସିୟସ ରୁ ୨୩.୦° ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୯୨ ରୁ ୯୭ ଶତକଡା ଏବଂ ୬୪ ରୁ ୭୯ ଶତକଡା ମଧ୍ୟରେ ରହିପାରେ ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

ଲାଲ ଚେତାବନୀ (କାର୍ଯ୍ୟାନୁଷ୍ଠାନ ନିଅନ୍ତୁ): - ଅତି ପ୍ରବଳ ବର୍ଷା ଏବଂ ବିଜୁଳି ଓ ଘଡଘଡି ସହିତ ଝଟକା ପବନ ବହିବାର ସମ୍ଭାବନା ରହିଛି ।

### ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଳିଷ୍ଟ ଏଗ୍ରୋମେଟ ପରାମର୍ଶ:

|  |
|---|
| ▯ ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ୱ ଅମଳ ନଷ୍ଟ ହେବ ଓ ସଢିବା ▯ ପନିପରିବା ତଳି ଘେରା ନଷ୍ଟ ହେବ ▯ ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା ▯ ବିଲ ଓ ଫସଲରେ ପାଣି ଜମିବା |

### ସାଧାରଣ ଉପଦେଶ:

|  |
|---|
| ଗଜପତି ଜିଲ୍ଲାରେ ଗତ ସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୩୨.୭° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୨୨.୦° ସେଲସିୟସ ଥିଲା । ଗତ ସପ୍ତାହରେ ଜିଲ୍ଲାରେ ୭୬.୯ ମିଲିମିଟର ବର୍ଷା ହୋଇଅଛି । ବର୍ଷା ଏବଂ ଅତି ବେଗରେ ବୋହୁଥିବା ପବନରୁ ଅମଳ ହୋଇଥିବା ଧାନ ଏବଂ ଅଣ-ଧାନ ଫସଲକୁ ରକ୍ଷା କରିବା ପାଇଁ, ଫସଲକୁ ଛାଇ ଏବଂ ଜଳରୋଧି ସ୍ଥାନରେ ରଖନ୍ତୁ । ଫୁଲ ଗୁଡିକୁ ମାନ କମ ହେବା ପୂର୍ବରୁ ତୋଳି ନିଅନ୍ତୁ । ବର୍ଷାଦ୍ୱାରା ପନିପରିବା ଫସଲ ନଷ୍ଟ ହେବାର ସମ୍ଭାବନା ରହିଛି, ତେଣୁ ଅମଳ ଉପଯୋଗୀ ପନିପରିବାକୁ ତୋଳି ଦିଅନ୍ତୁ । ଲତାଜାତୀୟ ପନିପରିବା ଫସଲର ରଞ୍ଜାକୁ ମଜବୁତ କରି ଦିଅନ୍ତୁ । ସାମୟିକ ଭାବରେ କୀଟନାଶକ ସିଂଚନ ଓ ଜଳସେଚନ ବନ୍ଦ ରଖନ୍ତୁ । କଦଳୀ ଓ ଅମୃତଭଣ୍ଡା ପାକଳ ଅବସ୍ଥାରେ ଥିଲେ ପବନ ହେବା ଆଗରୁ ତୋଳି ଦିଅନ୍ତୁ ଏବଂ ଅମୃତଭଣ୍ଡା ଓ କଦଳୀରେ ଢେରା ଦିଅନ୍ତୁ । ଗୃହପାଳିତ ପଶୁମାନଙ୍କୁ ଗୁହାଳରେ ଆବଦ୍ଧ ରଖନ୍ତୁ ଏବଂ ଚାରି ରୁ ପାଞ୍ଚଦିନ ପର୍ଯ୍ୟନ୍ତ ଖାଦ୍ୟ ଓ ଉତ୍ତମ ପାନୀୟ ଜଳ ଯୋଗାନ୍ତୁ । ପଶୁମାନଙ୍କୁ ଗଛ ତଳେ ବାନ୍ଧନ୍ତୁ ନାହିଁ । |

### ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

|  |
|---|
| ଅମଳ ହୋଇଥିବା ଫସଲକୁ ସୁରକ୍ଷିତ ଜାଗାରେ ରଖନ୍ତୁ ଏବଂ ବିଲରେ ଜଳ ନିଷ୍କାସନ ପାଇଁ ନାଳି ପ୍ରସ୍ତୁତ କରନ୍ତୁ । |

### ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ▯ ଜୀବନାଶକ ଓ ଜଳସେଚନ ସାମୟିକ ବନ୍ଦ ରଖନ୍ତୁ। ▯ ସଅଳ କିସମ କ୍ଷେତ୍ରରେ ଧାନ କେଣ୍ଡା ଶତକଡ଼ା ୮୫ଭାଗ ପାକଳ ହୋଇଯାଇଥିଲେ ତୁରନ୍ତ କାଟିବାର ବ୍ୟବସ୍ଥା କରନ୍ତୁ ଏବଂ ସୁରକ୍ଷିତ ସ୍ଥାନରେ ନେଇ ରଖନ୍ତୁ। ତୁରନ୍ତ ଧାନ ଅମଳ ପାଇଁ ଧାନକଟା ଓ ଅମଳ ଯନ୍ତ୍ର (Combine Harvester) ର ବ୍ୟବହାର କରନ୍ତୁ। ▯ ଭାରି ବର୍ଷା ପରେ ଜମିରେ ଧାନ ଗଛ ପଡ଼ି ଯାଇଥିଲେ ହଳା କରି ଠିଆ କରାନ୍ତୁ । ▯ ଯେଉଁ ସ୍ଥାନରେ ଧାନ କଟା ସରିଛି ତେବେ କଟା ସାରିଥିବା ଧାନକୁ ପଲିଥିନ୍ ଘୋଡ଼ାଇ ସୁରକ୍ଷିତ ସ୍ଥାନରେ ରଖନ୍ତୁ। ▯ ବର୍ଷା ଛାଡ଼ିଗଲା ପରେ ଖରାଟିଆ ପାଗରେ କେଣ୍ଡାକଟା ପୋକ ଲାଗିବାର ସମ୍ଭାବନା ରହିଛି। ନିୟନ୍ତ୍ରଣ ପାଇଁ ଏକର ପିଛା ୩୦୦ ମିଲି ଲାମ୍ବଡ଼ା ସାଇହାଲୋଥ୍ରିନ କିମ୍ବା ୪୦୦ ମିଲି କ୍ଲୋରୋପାଇରିଫୋସ୍+ ସାଇପରମେଥରିନ୍ ର ମିଳିତ କୀଟନାଶକ କୁ ପ୍ରତି ୨୦୦ ଲିଟର ପାଣିରେ ମିଶ୍ରଣ କରି ଫସଲରେ ଏବଂ ହୁଡ଼ା ଚାରିପଟେ ସ୍ପ୍ରେ କରନ୍ତୁ। ▯ ପତ୍ରାଛାଦପୋଡ଼ା ଓ ପତ୍ରାଛାଦସଢ଼ା ରୋଗ ବର୍ଷା ଛାଡି ଗଲା ପରେ ଦେଖା ଦେଇପାରେ । ଏହାର ପ୍ରତିକାର ପାଇଁ ଟେବୁକୋନାଜୋଲ୍ ୫୦ % + ଟ୍ରାଇଫ୍ଲକ୍ସିଷ୍ଟ୍ରୋବିନ୍ ୨୫ % ଡବ୍ଲୁ.ଜି. ୦.୪ ଗ୍ରା. କିମ୍ବା ପ୍ରୋପିକୋନାଜୋଲ୍୨୫ % ଇ.ସି ୧ ମି.ଲି କୁ ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ତୁଳା | ▯ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ଧ୍ୟାନ ଦିଅନ୍ତୁ । ▯ କୀଟନାଶକ ଔଷଧ ପ୍ରୟୋଗ ସାମୟିକ ବନ୍ଦ ରଖନ୍ତୁ। ▯ ବର୍ଷା ରୁ ସୁରକ୍ଷା ପାଇଁ ସମ୍ପୂର୍ଣ ଫୁଟି ଯାଇଥିବା ବକରା କୁ ତୁରନ୍ତ ତୋଳି ଦିଅନ୍ତୁ ଏବଂ ସୁରକ୍ଷିତ ସ୍ଥାନରେ ରଖନ୍ତୁ। |
| ମାଣ୍ଡିଆ | ▯ ଅମଳ ଉପଯୋଗୀ ଫସଲ କୁ ତୁରନ୍ତ ଅମଳ କରି ଦିଅନ୍ତୁ ଏବଂ ସୁରକ୍ଷିତ ସ୍ଥାନରେ ରଖନ୍ତୁ। ▯ ମୁଗ, ବିରି, ଚିନାବାଦାମ ଆଦି ଫସଲରେ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରନ୍ତୁ। ▯ ରବି ଋତୁ ପାଇଁ ଡାଲି ଜାତୀୟ ଫସଲ ବୁଣିବାକୁ ଥିଲେ ବର୍ଷା ଛାଡ଼ିବା ପର୍ଯ୍ୟନ୍ତ ବୁଣା କାମ ସ୍ଥଗିତ ରଖନ୍ତୁ। ▯ ଜୀବନାଶକ ର ପ୍ରୟୋଗ ସାମୟିକ ସ୍ଥଗିତ ରଖନ୍ତୁ । |

### ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଫ୍ରେଞ୍ଚବିନ | ▯ ପାକଳ ଫସଲ ଅମଳ କରି ବଜାରରେ ବିକ୍ରୟ କରନ୍ତୁ। ▯ ଅତ୍ୟଧିକ ବର୍ଷା ପାଣି ନିଷ୍କାସନ ପାଇଁ ଜଳ ନିଷ୍କାସନ ପଥଗୁଡ଼ିକୁ ଖୋଲା ରଖନ୍ତୁ। ▯ ଫସଲରେ ରଞ୍ଜା କୁ ସଳଖ କରି ମଜବୁତ୍ କରି ଦିଅନ୍ତୁ । ▯ ବିନ୍ସରେ ଫଳ ବିନ୍ଧା ପୋକ ପରିଚାଳନା ପାଇଁ |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ଏମାମେକ୍ଟିନ୍ ବେଞ୍ଜୋଏଟ୍ ୫% ଏସଜି @ ୯୦ଗ୍ରାମ/ଏକର କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫% ଏସସି @ ୬୦ ମିଲି/ଏକର କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫ ଏସସି @ ୪୦ ମିଲି/ଏକର ସ୍ପ୍ରେ କରନ୍ତୁ। |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଇ | □ ବର୍ଷା ପୂର୍ବରୁ ଗୁହାଳକୁ ମରାମତି କରନ୍ତୁ । □ ଜରୁରୀ କାଳୀନ ପରିସ୍ଥିତି ରେ ୩ ରୁ ୫ ଦିନ ପାଇଁ ଦାନା ସଂଗ୍ରହ କରି ରଖନ୍ତୁ ଏବଂ ପରିଷ୍କାର ପାନୀୟ ଜଳ ର ବ୍ୟବସ୍ଥା କରନ୍ତୁ । □ ବର୍ଷା ରୁ ନଷ୍ଟ ନହେବା ପାଇଁ ଘାସ କୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ □ ପଶୁମାନଙ୍କୁ ଘର ଭିତରେ ରଖନ୍ତୁ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କମନ ଫୀସହ | □ ପୋଖରୀ ରୁ ମାଛ ବାହାରି ନଯିବା ଓ ଅଦରକାରୀ ମାଛ ଙ୍କ ପ୍ରବେଶ ରୋକିବା ପାଇଁ ପୋଖରୀ ମୁହଁ କୁ ବାଉଁଶ କିମ୍ବା ନାଇଲନ ଜାଲି ଦ୍ଵାରା ବନ୍ଦ କରନ୍ତୁ । □ ବନ୍ୟା ପରିସ୍ଥିତି ଯୋଗୁଁ ପୋଖରୀ ରୁ ମାଛ ବାହାରି ନଯିବା ପାଇଁ ପୋଖରୀ ହୁଡା ରେ ଜାଲ ଲଗାନ୍ତୁ । • ଅତ୍ୟଧିକ ବର୍ଷା ଯୋଗୁଁ ପୋଖରୀ ଜଳ ରେ ଲବଣ ଅଂଶ ହ୍ରାସ ପାଇବାର ସମ୍ଭାବନା ଥିବା ରୁ ଜଳ ରେ ଆଲକୀ -ଡାଇମିଥାଇଲ-ବେନ୍ଜାଇଲ ଆମୋନିଅମ କ୍ଲୋରାଇଡ୍ (୩ ପିପିଏମ) ପ୍ରୟୋଗ କରନ୍ତୁ । |

## ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) | ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଜେନେରାଲ ଡବିସିଏ | □ ବିହନ ବୁଣି ନଥିଲେ ବର୍ଷା ଛାଡ଼ିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। □ ଅମଳ ଉପଯୋଗୀ ପନିପରିବା କୁ ଯଥା ଶୀଘ୍ର ଅମଳ କରି ଦିଅନ୍ତୁ । □ ଟମାଟୋ, ଲଙ୍କା, ବାଇଗଣ ଓ କୋବି ଜାତୀୟ ଚାରା କୁ ପଲିଥିନ (ଜରି) କିମ୍ବା ପ୍ଲାଷ୍ଟିକ ଦ୍ଵାରା ଆଚ୍ଛାଦାନ କରି ରଖନ୍ତୁ, ଯେପରିକି ଏହା ବର୍ଷା ଦ୍ଵାରା ପ୍ରଭାବିତ ହେବ ନାହିଁ । □ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁ କୁ ଖୋଲା ରଖନ୍ତୁ । □ ଜଳସେଚନ, ଜୀବନାଶକ ଓ ସାର ର ପ୍ରୟୋଗ ସାମୟିକ ବନ୍ଦ ରଖନ୍ତୁ। □ ଭାରି ବର୍ଷା କାରଣରୁ ନଇଁ ପଡ଼ିଥିବା ବା ଦୁର୍ବଳ ହେଇଯାଇଥିବା ଗଛ ଗୁଡ଼ିକୁ ବାଡ଼ି କିମ୍ବା ବାଉଁଶ ଦ୍ଵାରା ସ୍ଥିରତା ପ୍ରଦାନ କରନ୍ତୁ । □ ବର୍ଷା ପରେ ପନିପରିବା ଫସଲରେ ଝାଉଂଳା ଓ ମୂଳ ସଢ଼ା ଦେଖା ଦେବାର ସମ୍ଭାବନା ଅଛି ତେଣୁ ବର୍ଷା ଛାଡି ଗଲା ପରେ ପ୍ରତି ୧୦ ଲିଟର ପାଣିରେ ୨୦ ଗ୍ରାମ ମେଟାଲାକ୍ସଯଲ + ମାଙ୍କୋଜେବ୍ ଓ ୧.୫ ଗ୍ରାମ ଷ୍ଟ୍ରେପଟୋସାଇକ୍ଲିନ କୁ ମିଶାଇ ଫସଲ ମୂଳକୁ ସିଂଚନ କରନ୍ତୁ । |
| ଜେନେରାଲ ଡବିସିଏ | □ ନୂଆ କରି ଲଗାଇଥିବା ଅମୃତ ଭଣ୍ଡା, କଦଳୀ, ଗେଣ୍ଡୁ, ଗ୍ଲାଡ଼ିଓଲସ ଆଦି ଗଛରେ ବାଉଁଶ କିମ୍ବା କାଠ ସାହାଯ୍ୟରେ ଢେରା ଦିଅନ୍ତୁ। □ ଫୁଲ ଫୁଟି ଯାଇଥିଲେ ତୋଳି ନିଅନ୍ତୁ । |

## ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
|---|
| □ ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ୱ ଅମଳ ନଷ୍ଟ ହେବ ଓ ସଢିବା □ ପନିପରିବା ତଳି ଘେରା ନଷ୍ଟ ହେବ □ ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା □ ବିଲ ଓ ଫସଲରେ ପାଣି ଜମିବା |

**ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):**

| |
|---|
| ୧. ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ୱ ଅମଳ ନଷ୍ଟ ହେବ ଓ ସଢିବା • ପନିପରିବା ର ବୁଢା/ହଳଦିଆ ହୋଇଯାଇଥିବା ତଳ ପତ୍ର ଗୁଡିକୁ ଛିଣ୍ଡାଇ ନଷ୍ଟ କରି ଦିଅନ୍ତୁ । • ପନିପରିବା ଫସଲରେ ଗଛ ମୂଳକୁ ମାଟି ଟେକି ଦିଅନ୍ତୁ । • ଡଙ୍କ ଜାତୀୟ ପନିପରିବା ଯେପରି ଜହ୍ନି, କଲରା ଇତ୍ୟାଦି ଗୁଡିକ ରେ ରଞ୍ଜା ପୋତି ଭଲ ଭାବରେ ଉଠେଇ ଦିଅନ୍ତୁ । • ପନିପରିବା ଫସଲର ତଳିଘରା ଏବଂ ଜମିରେ ଲାଗିଥିବା ଫସଲକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଧଳା ପଲିଥିନ ସାହାଯ୍ୟରେ ଘୋଡାଇ ରଖନ୍ତୁ । • ଝାଉଁଳା ଓ ମୂଳସଢା ରୋଗ ଦେଖାଦେଲେ ତେଣୁ ବର୍ଷା ଛାଡିଗଲା ପରେ ପ୍ରତି ୧୦ ଲିଟର ପାଣିରେ ୨୦ ଗ୍ରାମ ମେଟଲାଗଜିଲ ଓ ମାଙ୍କୋଜେବ ର ମିଳିତ ମିଶ୍ରଣ ଓ ୧.୫ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ କୁ ମିଶାଇ ଏହି ଦ୍ରବଣକୁ ଫସଲର ମୂଳକୁ ଭିଜାନ୍ତୁ । ୨. ପନିପରିବା ତଳି ଘେରା ନଷ୍ଟ ହେବ • ପନିପରିବା ଫସଲର ତଳିଘରା ଏବଂ ଜମିରେ ଲାଗିଥିବା ଫସଲକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଧଳା ପଲିଥିନ ସାହାଯ୍ୟରେ ଘୋଡାଇ ରଖନ୍ତୁ । ୩. ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା • ନୂଆ ଫଳ ହୋଇଥିବା ଗଛ ଗୁଡିକୁ ଢେରା/ଭରା ଦିଅନ୍ତୁ । • ଯଥାଶୀଘ୍ର ପାଚିଲା ଫଳ ଅମଳ କରନ୍ତୁ ଏବଂ ବଜାରରେ ବିକ୍ରୟ କରନ୍ତୁ । ୪ . ବୁଣା ବୁଣି, ସିଞ୍ଚନ ଓ ଫସଲରେ ପାଣି ମଡାଇବା ସାମୟିକ ଭାବରେ ସ୍ଥଗିତ ରଖନ୍ତୁ । |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**